# କୃଷି ସୂଚନା ସେବା (ଧାନ)

## ଭା.କୃ.ଅନୁ.ପ.- ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬,

### ୨୦୨୦ ମସିହା ମଇ ମାସର ପ୍ରଥମ ପକ୍ଷ ପାଇଁ କାର୍ଯ୍ୟପନ୍ଥା

ଗ୍ରୀଷ୍ମଋତୁରେ ଅନିୟମିତ ବର୍ଷା ସହିତ ଘଡଘଡି ହେବାଦ୍ୱାରା ଚାଷ କାମରେ ବିଭିନ୍ନ ପ୍ରକାରର ଅସୁବିଧା ଦେଖାଦିଏ । ଚାଷୀମାନଙ୍କୁ ନିମ୍ନଲିଖିତ ପଦକ୍ଷପ ନେବାପାଇଁ ଉପଦେଶ ଦିଆଯାଉଛି ।

- ଏହି ସମୟରେ କେଣ୍ଡାର ମୂଳରେ ମହିଷା ରୋଗ ହେବାର ସମ୍ଭାବନା ଥାଏ । ଯଦି ଏହାର ଲକ୍ଷଣ ଦେଖାଯାଏ ତେବେ ଏକର ପିଛା ଆଜୋକ୍ସିଷ୍ଟ୍ରୋବିନ୍ ୨୫ ଏସ୍.ସି. ୨୦୦ ମି.ଲି. କିମ୍ବା କାର୍ବେଣ୍ଡାଜିମ୍ ୫୦ ଡବ୍ଲ୍ୟୁ.ପି. ୪୦୦ ଗ୍ରାମ୍ ୨୦୦ ଲିଟର ପାଣିରେ କିମ୍ବା ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫% ସହିତ ଟେବୁକୋନାଜୋଲ ୫୦% ୮୦ ଗ୍ରାମ୍ ମିଶାଇ ଏକର ପିଛା ୨୦୦ ଲିଟର ପାଣି ଦ୍ରବଣ ପ୍ରସ୍ତୁତ କରି ସିଞ୍ଚନ କରନ୍ତୁ କିମ୍ବା ସ୍ୱିଡୋମୋନାସ୍‌ଫ୍ଲୁରୋସେନ୍ସ୍ ଲିଟରରେ ୫ ମି.ଲି. ଔଷଧ ପ୍ରୟୋଗ କରନ୍ତୁ ।
- ଅନିୟମିତ ବର୍ଷା ଏବଂ ହଠାତ୍ ଗରମ ପଡିଲେ ବାଦାମୀ ଗୁଣ୍ଡିପୋକର ବଂଶ ବୃଦ୍ଧିପାଇଁ ସୁହାଏ । ଯଦି ଧାନ ବିଲରେ ବୁଦା ପିଛା ୧୦ ଟିରୁ ଅଧିକ ପୋକ ଦେଖାଯାଏ ତେବେ ନିମ୍ନଲିଖିତ କୀଟନାଶକ ଔଷଧ ପ୍ରୟୋଗ କରନ୍ତୁ ।

  ଏକର ପିଛା ଟ୍ରାଇଫ୍ଲୁମେଜୋପାଇରିମ୍ ୧୦ ଏସ୍.ସି., ୯୪ ମି.ଲି. କିମ୍ବା

  ପାଇମେଟ୍ରୋଜିନ୍ ୫୦ ଡବ୍ଲ୍ୟୁ.ଜି, ୧୨୦ ଗ୍ରାମ୍ କିମ୍ବା

  କ୍ଲୋଥିଆନଡ଼ିନ୍ ୫୦ ଡବ୍ଲ୍ୟୁ.ଜି ୯.୬ ଗ୍ରାମ୍ କିମ୍ବା

  ଡିନୋଟେଫୁରାନ୍ ୨୦ ଏସ୍.ଜି. ୬୦ ଗ୍ରାମ୍ କିମ୍ବା

  ଫ୍ଲୋନିକାମିଡ୍ ୫୦ ଡବ୍ଲ୍ୟୁ.ଜି ୬୦ ଗ୍ରାମ୍ କିମ୍ବା

- ପାୱାର ସ୍ପ୍ରେୟର ବ୍ୟବହାର କରନ୍ତୁ ଏହାର ନୋଜଲ ଗଛର ମୂଳକୁ ଦେଖେଇ ସ୍ପ୍ରେ କରନ୍ତୁ । ସକାଳ ସମୟରେ କିମ୍ବା ସନ୍ଧ୍ୟା ସମୟରେ ଔଷଧ ପ୍ରୟୋଗ କରିବା ଉଚିତ୍ ।
- ଧାନ ଫୁଲ ଉଡାଇବା ସମୟରେ ଗନ୍ଧିପୋକ ଦେଖାଦେଇପାରନ୍ତି । ଗନ୍ଧିପୋକର ଆର୍ଥିକ ଦେହଳୀ ସୀମା ହେଲା ବୁଦାପ୍ରତି ୨ଟି କିମ୍ବା ବର୍ଗମିଟର ପ୍ରତି ୫ଟି ପୋକଏହାର ସଂଖ୍ୟା ଯଦି ଆର୍ଥିକ ଦେହଳୀ ସୀମାଠାରୁ ଅଧିକ ହେଲା ତେବେ ନିମ୍ନଲିଖିତ କୀଟନାଶକ ଔଷଧ ପ୍ରୟୋଗ କରନ୍ତୁ ।

  ଏକର ପିଛା ମାଲାଥିଅନ୍ ୫% ୧୦ କି.ଗ୍ରା ଗୁଣ୍ଡ ପ୍ରୟୋଗ କରନ୍ତୁ । ଏକର ପିଛା ୨୦୦ ଲିଟର ପାଣିରେ ଇଥୋଫେନୋପ୍ରକ୍ସ ୧୦ ଇ.ସି. ୨୦୦ ମି.ଲି. କିମ୍ବା କ୍ଲୋରୋପାଇରିଫସ୍ ୨୦ ଇ.ସି. ୧ ଲିଟର ମିଶାଇ ସିଞ୍ଚନ କରନ୍ତୁ ।

- ଧାନ ପାଚିଲା ସମୟରେ କେଣ୍ଡା କଟା ଝଂବାଳୁଆ ଦେଖାଦେଲେ କ୍ୱିନାଲଫସ୍ ୨୫ ଇ.ସି. ୪୦୦ ମି.ଲି. ଏକର

  ପିଛା କିମ୍ବା କ୍ଲୋରୋପାଇରିଫସ୍ ୨୦ ଇ.ସି. ୫୦୦ ମିଲି. ଏକର ପିଛା ପ୍ରୟୋଗ କରନ୍ତୁ ।

- ଧାନ ଠିକ୍ ଭାବରେ ପାଚିଗଲେ କାଟିଦିଅନ୍ତୁ (ଶତକଡା ୮୦ ଭାଗ ପାଚିବା ଦରକାର) । ଠିକ୍ ସମୟରେ ନ କାଟିଲେ ଖରାଟିଆ ଧାନ ଝଡି ଯିବାର ସମ୍ଭାବନା ଅଧିକଥାଏ ।

- ବର୍ଷାଶ୍ରୀତ ଖାଲ ଜମିରେ ସିଧା ବୁଣା ପାଇଁ ଖରାଟିଆ ଗ୍ଷ କରିଦିଅନ୍ତୁ । ସେଥିପାଇଁ ପତ୍ରମୋଡା ଲଙ୍ଗଳ ବ୍ୟବହାର କରି ପ୍ରଥମେ ଗ୍ଷ କରିଦିଅନ୍ତୁ । ଏହା ଫଳରେ ମାଟିର ୧୫-୨୦ ସେ.ମି. ଗଭୀର ପର୍ଯ୍ୟନ୍ତ ଗ୍ଷ ହୋଇପାରିବ । ଦ୍ୱିତୀୟ ଗ୍ଷ କଲଟିଭେଟର ବ୍ୟବହାର କରି କରନ୍ତୁ ।
- ଯେଉଁଠାରେ ହାଲୁକା ମାଟି ଅଛି ସେଠାରେ ରୋଟାଭେଟରରେ ଗ୍ଷ କରି ମାଟି ଗୁଣ୍ଡ କରନ୍ତୁ ।
- ମଧ୍ୟମ ଖାଲୁଆ ଜମି ପାଇଁ ବର୍ଷାଧାନ, ଦୁର୍ଗା, ସି.ଆର.ଧାନ ୫୦୧, ହଂସେଶ୍ୱରୀ ଏବଂ ଶାରଳା କିସମର ଧାନ ବିହନ ବ୍ୟବହାର କରନ୍ତୁ । ମାତ୍ର ଖାଲୁଆ ଜମି ପାଇଁ ସି.ଆର.ଧାନ ୫୦୨(ଜଳମଣି), ସି.ଆର.ଧାନ-୫୦୩ (ଜୟନ୍ତୀ ଧାନ), ସି.ଆର.ଧାନ ୫୦୦ ଏବଂ ସି.ଆର.ଧାନ ୫୦୫ ବ୍ୟବହାର କରନ୍ତୁ । ଉତ୍ତମ ଗୁଣାତ୍ମକ ମାନର ବିହନ, ଗବେଷଣା ଅନୁଷ୍ଠାନ, କୃଷି ବିଶ୍ୱବିଦ୍ୟାଳୟ, କୃଷି ବିଜ୍ଞାନ କେନ୍ଦ୍ର, ବ୍ଲକ୍, କାର୍ଯ୍ୟାଳୟ(କୃଷି) ତଥା ଭଲ ବିହନ ଉତ୍ପାଦନ କରୁଥିବା ଫାର୍ମରୁ ସଂଗ୍ରହ କରି ବ୍ୟବହାର କରନ୍ତୁ ।
- ରୁଆ ଧାନ ଗ୍ଷ ହେଉଥିବା ଅଞ୍ଚଳରେ ଧନିଗ୍ର ବିହନ ଉପରୋକ୍ତ ସ୍ଥାନରୁ ସଂଗ୍ରହ କରି ନିଅନ୍ତୁ ।

******